ସାଧାରଣ ନିର୍ବାଚନ-୨୦୨୪

# ଜିଲ୍ଲାସ୍ତରୀୟ ମିଡିଆ ସାର୍ଟିଫିକେସନ୍ ଆଣ୍ଡ ମନିଟରିଂ କମିଟି ବୈଠକ

ଭଦ୍ରକ,୩।୪(ସମିସ)



ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ମିଡ଼ିଆ ସାର୍ଟିଫିକେଶନ୍ ଏବଂ ମନିଟରିଂ କମିଟି ବା ଏମ୍‌ସିଏମ୍‌ସି ଗଠନ କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଏମ୍‌ସିଏମ୍‌ସିର ଅଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିର୍ଦ୍ଦେଶ କ୍ରମେ ଏହି ସେଲ ଜିଲ୍ଲା କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର କକ୍ଷରେ ଖୋଲାଯାଇଛି। ରାଜନୈତିକ ବିଜ୍ଞାପନର ପ୍ରାକ୍ ପ୍ରମାଣନ୍, ପେଡ୍ ନ୍ୟୁଜ୍ ତଦାରଖ ଓ ଆଇନ୍ ଉଲ୍ଲଙ୍ଘନ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ୍ କରିବା ଆଭିମୁଖ୍ୟରେ କାର୍ଯ୍ୟରତ ଏହି ସେଲ ଜରିଆରେ ଯେକୌଣସି ପଞ୍ଜିକୃତ ରାଜନୈତିକ ଦଳ, ଗୋଷ୍ଠୀ, ସଂଗଠନ, ପ୍ରାର୍ଥୀ ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବୈଦ୍ୟୁତିକ, ସାମାଜିକ ଗଣମାଧ୍ୟମ, ରେଡିଓ, କେବୁଲ ନେଟ୍‌ୱାର୍କ ଆଦି ମାଧ୍ୟମରେ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ପ୍ରମାଣପତ୍ର ପାଇଁ ନିର୍ଦ୍ଧାରିତ ଫର୍ମରେ ଏମ୍‌ସିଏମ୍‌ସିକୁ ଆବେଦନ କରି ପ୍ରମାଣ ପତ୍ର ସଂଗ୍ରହ କରିବେ। ପ୍ରତ୍ୟେକ ପଞ୍ଜିକୃତ ଦଳ କିମ୍ବା ପ୍ରାର୍ଥୀ ବିଜ୍ଞାପନ ପ୍ରସାରଣ ପାଇଁ ନିର୍ଦ୍ଧାରିତ ୩ ଦିନରୁ ଅଧିକ ଏବଂ ଅଣପଞ୍ଜିକୃତମାନଙ୍କ ପାଇଁ ୭ ଦିନରୁ ଅଧିକ ସମୟ ପୂର୍ବରୁ ଆବେଦନ କରିବା ଆବଶ୍ୟକ। ଉକ୍ତ ବାବଦରେ ସମସ୍ତ ଦେୟ ସଂପୃକ୍ତ ଅନୁଷ୍ଠାନକୁ ଚେକ୍ କିମ୍ବା ଡ୍ରାଫଟ୍ ମାଧ୍ୟମରେ ପଇଠ କରିବେ ବୋଲି ଏକ ବିବୃତି ବା ଘୋଷଣାନାମା ଦେବେ। ବିଜ୍ଞାପନର ପ୍ରାକ୍ ପ୍ରମାଣନ ପାଇଁ ୨ଟି ନକଲ ବୈଦ୍ୟୁତିକ ଆକାରରେ, ସଠିକ୍ ଆଟେଷ୍ଟେଡ୍ ଟ୍ରାନ୍ସକ୍ରିପଟ୍, ଉତ୍ପାଦନ ଖର୍ଚ୍ଚ, ଟିଭି କିମ୍ବା କେବୁଲ ନେଟ୍‌ୱାର୍କରେ ପ୍ରସାରଣର ଆନୁମାନିକ ମୂଲ୍ୟ ଏବଂ କେତେଥର ପ୍ରସାରଣ ହେବ ତାହାର ତାଲିକା ଦେବାକୁ ପଡ଼ିବ। ଏହି ଏମ୍‌ସିଏମ୍‌ସିର କାର୍ଯ୍ୟକାରୀତା ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଓ ସମ୍ପିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଡିଆଇଓ ଏନ୍ଆଇସି,ଏନ୍ ମୁକେଶ ମଣ୍ଡଳ, ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ ଏବଂ କମିଟିର ନୋଡ଼ାଲ ଅଧିକାରୀ ଡେପୁଟି କଲେକ୍ଟର ପ୍ରମିଳା ମଲ୍ଲିକ, ବରିଷ୍ଠ ନାଗରିକ ପଦ୍ମନ କୁମାର ରାୟ, ଦୂରଦର୍ଶନର ଜିଲ୍ଲା ପ୍ରତିନିଧି ସାମ୍ବାଦିକ ଅଶୋକ କୁମାର ନାୟକ ଏବଂ କମିଟିର ଆବାହକ ସଦସ୍ୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।

## ମଦ ଜବତ; ଜଣେ ଗିରଫ

**ବାରିକପୁର,୩।୪(ସମିସ):** ଭଣ୍ଡାରିପୋଖରୀ ଥାନା ଛତାବର ନିକଟରୁ ବେଆଇନ ମଦ ଜବତ ହୋଇଛି। ଭଦ୍ରକ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଭୋରୁ ଚଢଉ ହୋଇଥିଲା। ଧାମନଗର ଅବକାରୀ ନିରୀକ୍ଷକ ଅବିନାଶ ପାଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରି ବିଅର ଓ ବିଦେଶୀ ମଦ ଜବତ ହୋଇଛି। ବେଆଇନ ବିକ୍ରୟ ଅଭିଯୋଗରେ ଜଣକୁ ଗିରଫ କରାଯାଇଛି। ଅନ୍ୟ ଜଣେ ଚୋରା ବେପାରୀକୁ ଅଟକ ରଖି ପଚରାଉଚରା ଚାଲିଛି। ସୂଚନାଯୋଗ୍ୟ ଛତାବର ଟୋଲ ଗେଟ ଆଖପାଖ କିଛି ହୋଟେଲ ଓ ଚା' ପାନ ଦୋକାନଗୁଡ଼ିକରେ ଦୀର୍ଘ ଦିନ ଧରି ବେଆଇନ ଭାବେ ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି।

## ଅସହ୍ୟ ହେଉଛି ଚଇତି ତାତି



**ବାରିକପୁର,୩।୪(ସମିସ):** ବୈଶାଖ ଆରମ୍ଭ ନ ହେଉଣୁ ଅସହ୍ୟ ହେଲାଣି ଚୈତି ତାତି। ଦିନ ଦଶଟା ପରେ ଲୋକମାନେ ବାହାରକୁ ବାହାରିବା କଷ୍ଟକର ହୋଇ ପଡୁଛି। ସାଧାରଣ ନିର୍ବାଚନ ମାହୋଲ ଆରମ୍ଭ ହୋଇଥିଲେ ସୁଦ୍ଧା ପ୍ରଚଣ୍ଡ ଖରାକୁ ଦେଖି ବିଭିନ୍ନ ଦଳର ଛାମୁଆ କର୍ମୀମାନେ ପ୍ରାୟତଃ ବାହାରକୁ ବାହାରିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସୂଚନା ଅନୁସାରେ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ୪୮ ଘଣ୍ଟା ମଧ୍ୟରେ ରୌଦ୍ରତାପ ବୃଦ୍ଧି ପାଇଛି। ଗ୍ରୀଷ୍ମପ୍ରବାହକୁ ଆଖିଆଗରେ ରଖି ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ସକାଳୁଆ ହୋଇଛି। ଅପରାହ୍ଣ ଠାରୁ ସନ୍ଧ୍ୟା ୬ଟା ଯାଏଁ ରାସ୍ତାରେ ଅପେକ୍ଷା କୃତ କମ୍ ଯାନବାହାନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି। ବ୍ଲକ ଅଧୀନ ବାରିକପୁର, ଧାମନଗର ଛକ, ସରସଦା, ମାଳଦା, ଆଖୁଆପଦା, ମଞ୍ଜୁରୀ ରୋଡ, ଛତାବର, କୁଲଣା ପ୍ରମୁଖ ଗ୍ରାମ୍ୟ ବଜାର ଗୁଡିକରେ ଲୋକ ସମାଗମ ଦେଖିବାକୁ ମିଳୁନାହିଁ। ଏହାଛଡା ଜିଲ୍ଲା ସଦରମହକୁମା ଠାରୁ ବିଭିନ୍ନ ଅଞ୍ଚଳକୁ ଚଳାଚଳ କରୁଥିବା ଘରୋଇ ବସ୍ ଗୁଡ଼ିକରେ ଯାତ୍ରୀ ସଂଖ୍ୟା ମଧ୍ୟ କମ୍ ଦେଖାଯାଉଛି। ଏବେ ତାପମାତ୍ରା ଯେତିକି ହେଉଛି ବୈଶାଖରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବାହାରକୁ ବାହାରିଲେ ପାଣି ବୋତଲ, ଛତା ଓ ଗାମୁଛା ସାଥିରେ ନେବା ପାଇଁ ସରକାରୀ ଭାବେ ପରାମର୍ଶ ଦିଆଯାଇଛି।

## ବଜରାପୁରରେ ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ଭଦ୍ରକ,୩।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ନିକଟସ୍ଥ ବଜରାପୁରଠାରେ ମା' ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ୩ଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବ ଚାଲିଥିବା ବେଳେପ୍ରଥମ ଦିନରେ ଶୁଭାଧିବାସ, ଅଙ୍କୁରୋତ୍ସବ, ଧାନ୍ୟାଧିବାସ, କାର୍ଯ୍ୟକ୍ରମ ସହ ଦ୍ୱିତୀୟ ଦିନରେ ମନ୍ତେଇ ନଦୀଘାଟରୁ ୧୦୮ କଳସ ପାଣି ଅଣାଯାଇ ଘଟସ୍ଥାପନା କରାଯାଇଥିବା ବେଳେ ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁ ପୂଜା, ସ୍ତମ୍ଭ ତୋରଣ ପୂଜା, ଅଗ୍ନିସ୍ଥାପନ, ଯଜ୍ଞାରମ୍ଭ, ଦେବତାଙ୍କ ନଗର ପରିକ୍ରମା, ମହାଭିଷେକ ସ୍ନାନ, ଦେବତା ନ୍ୟାସ ସିଂହାସନ ପ୍ରତିଷ୍ଠା କରାଯାଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ଦିନ ବ୍ୟାପୀ ସନ୍ଧ୍ୟାରେ ଦୃଷ୍ଟିବାଧିତ ଭଉଣୀମାନଙ୍କୁ ନେଇ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବଜରାପୁର ତଥା ଘଣ୍ଟେଟଶ୍ୱର ଅଞ୍ଚଳର ସମସ୍ତ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାବେଳେ ମନ୍ଦିର କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

## ଅଙ୍ଗନବାଡ଼ିରେ ଶିଶୁଙ୍କ ଖାଦ୍ୟ ହେରଫେର





**ପୀରହାଟ,୩।୪(ସମିସ):** ତିହିଡି ବ୍ଲକ ବାମନବିନ୍ଧା ପଞ୍ଚାୟତ ଅଧୀନ ସନ୍ଦକପୁର ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର ଶିକ୍ଷୟିତ୍ରୀ ଗତ କିଛି ଦିନ ଧରି ଶିଶୁମାନଙ୍କୁ ଖାଦ୍ୟ ରୋଷେଇ କରି ଦେଉନଥିବା ଅଭିଯୋଗ ଅଭିଭାବକ ମହଲରେ ଆଗତ ହୋଇଛି। ପ୍ରଶାସନ ଚାଉଳ ୮ କିଲୋଗ୍ରାମ ମୁଣ୍ଡପିଛା ଦେଇଥିଲା ବେଳେ ସଂପୃକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଶିକ୍ଷୟିତ୍ରୀ ୫କିଲୋଗ୍ରାମ ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଦେଉଥିବା ଚାଉଳ ପୁଣି ପୋକ ସାଉଁସାଉଁ, ମାଟି ଓ ଗୋଡ଼ିରେ ଭର୍ତ୍ତି। ଯାହା ଖାଦ୍ୟ ଅନୁପଯୋଗୀ ବୋଲି ଅଭିଯୋଗ ହୋଇଛି। ସେହିଭଳି ଏହି କେନ୍ଦ୍ରରେ ପିଲାମାନଙ୍କୁ କେବେକେବେ ଅଣ୍ଡା ଦିଆଯାଉଥିବା ବେଳେ କେନ୍ଦ୍ରର ଅଣ୍ଡାକୁ ଦୋକାନମାଙ୍କରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ଯଦି କେହି ଅବିଭାବକ ଏହି ଅନିୟମିତା ନେଇ ଅଭିଯୋଗ କରନ୍ତି ତେବେ ସଂପୃକ୍ତ କେନ୍ଦ୍ର ଅଙ୍ଗନବାଡ଼ି କେନ୍ଦ୍ର ଦିଦି ଧମକ ଦେବାକୁ ପଛାଉ ନଥିବା ଅଭିଯୋଗ ହୋଇଛି। ପିଲାଙ୍କ ଖାଦ୍ୟ ଏଭଳି ଲୁଟ୍ ନେଇ କେତେକ ଅଭିଭାବକ ଜିଲ୍ଲା ପ୍ରଶାସନଠାରେ ଅଭିଯୋଗ କରିଥିବା ଜଣାଯାଇଛି।

● ଭଦ୍ରକ ସଂରକ୍ଷିତ ଲୋକସଭା ଆସନ

## ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ପୁଣି ପ୍ରାର୍ଥୀ କଲା ବିଜେଡି



**ଭଦ୍ରକ,୩।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ ଲାଗି ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଭଦ୍ରକ ସଂରକ୍ଷିତ ଲୋକସଭା ଆସନରୁ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ପୁଣି ବିଜେଡି ପ୍ରାର୍ଥୀ କରିଛି। ଏ ନେଇ ମଙ୍ଗଳବାର ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୯ସାଧାରଣ ନିର୍ବାଚନରେ ଭଦ୍ରକ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇ ଶ୍ରୀମତୀ ମଣ୍ଡଳ ପ୍ରଥମ ମହିଳା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନରେ ଶ୍ରୀମତୀ ମଣ୍ଡଳ ବିଜେଡି ପ୍ରାର୍ଥୀ ହୋଇ ୫ଲକ୍ଷ ୧୨ହଜାର ୩୦୫ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ୪ଲକ୍ଷ ୮୩ହଜାର ୫୦୨ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସେହିଭଳି ଜାତୀୟ କଂଗ୍ରେସ ପ୍ରାର୍ଥୀ ମଧୁମିତା ସେଠୀ ୨ଲକ୍ଷ ୭ହଜାର ୮୧୧ଖଣ୍ଡ ଭୋଟ ପାଇଥିବା ବେଳେ ବିଏସ୍‌ପି ପ୍ରାର୍ଥୀ ମୁରଲୀଧର ଜେନା ୪ହଜାର ୭୦୮ଖଣ୍ଡ ଭୋଟ ପାଇଥିଲେ। ସେହିପରି ଏଆଇଟିସି ପ୍ରାର୍ଥୀ ତିଳୋତମା ଜେନା ୩ହଜାର ୩୨୭ଖଣ୍ଡ ଭୋଟ ପାଇଥିଲେ। ନୋଟା (ନନ୍ ଅଫ୍ ଦି ଏଭବ) କୁ ୪ହଜାର ୭୦୮ଖଣ୍ଡ ଯାଇଥିଲା। ଆଜି ତାଙ୍କ ନାମ ଘୋଷଣା ପରେ ଭଦ୍ରକ ଜିଲ୍ଲା ବିଜେଡି ତଥା ସମର୍ଥକଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି।

## ଶିକ୍ଷାବିତ୍ ଘଣ୍ଟେଶ୍ୱର ସାହୁଙ୍କ ସ୍ମୃତିଚାରଣ ସଭା




**ଧାମନଗର,୩।୪(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ଅଧୀନ ଜାଗୁଲାଇସାହି ନାରାୟଣପୁର ଗ୍ରାମରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଧାମନଗର ବରିଷ୍ଠ ନାଗରିକ ପରିଷଦର ସ୍ଥାୟୀ ସଭାପତି ଘଣ୍ଟେଶ୍ୱର ସାହୁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାଂସଦ ବ୍ଲକ ପ୍ରତିନିଧି ହରେକୃଷ୍ଣ ପାଢ଼ୀ, ସମିତି ସଭ୍ୟ ବିଦ୍ୟାଧର ରାଉତ, ଗଣଶିକ୍ଷା ବିଭାଗ ଅବସରପ୍ରାପ୍ତ ନିର୍ଦ୍ଦେଶକ, ବୃନ୍ଦାବନ ଶତପଥୀ, ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ଆଇନଜୀବୀ ଦେବାଶିଷ ସାମଲ, ଶଶଧର ପଣ୍ଡା ପ୍ରମୁଖ ବହୁ ଶିକ୍ଷାବିତ୍,ଶିକ୍ଷକ,ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ, ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ନାୟକ, ସମିତି ସଭ୍ୟା ବିଣାପାଣୀ ପଣ୍ଡା, ବିଭିନ୍ନ ରାଜନୈତିକ ଦଳର ନେତା ଓ ଅନ୍ୟାନ୍ୟ କର୍ମୀମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ତାଙ୍କ ପୁଅ ତାପସ ରଂଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ପାଇଁ ପୁଲିସ ପକ୍ଷରୁ ଗାଡ଼ି ଯାଞ୍ଚ କଡ଼ାକଡ଼ି



**ବାରିକପୁର,୩।୪(ସମିସ):** ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ଭଣ୍ଡାରିପୋଖରୀ ପୁଲିସ ତତ୍ପର ହୋଇଛି। ନିର୍ବାଚନ କମିଶନଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚକୁ କଡାକଡି ଆରମ୍ଭ କରାଯାଇଛି। ପୁଲିସ ପକ୍ଷରୁ ପ୍ରଥମେ ମଞ୍ଜୁରୀରୋଡ଼ ବଜାରଠାରୁ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଥିଲା। ପରେ ଛତାବର, କୁଲଣା, ଆଖୁଆପଦା ସହିତ ଭଣ୍ଡାରିପୋଖରୀ ଆଖପାଖ ଅଞ୍ଚଳରେ ଯାନବାହନଗୁଡିକୁ ଯାଞ୍ଚ କରୁଛି ପୁଲିସ। ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରୁଛନ୍ତି। ବେଆଇନ ମଦ ପରିବହନ ସହିତ ଅନ୍ୟାନ୍ୟ ନିଶା କାରବାର ଉପରେ ଯାଞ୍ଚକୁ କଡାକଡି କରାଯାଇଛି। ଏହାଛଡା ଥାନା ଅଧୀନ ସୀମାନ୍ତ ସ୍ଥାନରେ ପୁଲିସ ପକ୍ଷରୁ ତୀକ୍ଷ୍ଣ ନଜର ରହିଥିବା ବେଳେ ଜନଗହଳି ସ୍ଥାନରେ ମଧ୍ୟ ଆଇନ ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଅସୁରାଳିରେ ରକ୍ତଦାନ ଶିବିର; ୮୭ ୟୁନିଟ୍ ସଂଗ୍ରହ

**ଅସୁରାଳି,୩।୪(ସମିସ):** ରକ୍ତ ଦାନ ମହତ୍ ପୁଣ୍ୟ। ରକ୍ତ ଦାନ ଦ୍ୱାରା ଜୀବନ ନାଶକାରୀ ଅନେକ ରୋଗରୁ ଲୋକଙ୍କୁ ରକ୍ଷା କରାଯାଇ ପାରୁଛି। ଜଟିଳ ଅସ୍ତ୍ରୋପଚାର ନିମିତ ରକ୍ତର ଆବଶ୍ୟକତା ରହିଛି। ରକ୍ତ ଅଭାବରେ ଅସ୍ତ୍ରୋପଚାର ହୋଇପାରିବ ନାହିଁ। ପୁଣି କୌଣସି ଦୁର୍ଘଟଣା ଜନିତ ରକ୍ତସ୍ରାବ କିମ୍ବା ଶିଶୁପ୍ରସବ ସମୟରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ରୋଗୀ ମୃତ୍ୟୁ ମୁଖରେ ପଡ଼ିବାର ସମ୍ଭାବନା ଥିବାରୁ ସେଭଳି ସ୍ଥଳରେ ରୋଗୀ ପାଇଁ ଏହା ନିତାନ୍ତ ଆବଶ୍ୟକ ହୁଏ। ତେବେ ସୁରକ୍ଷିତ ରକ୍ତ ସହିତ ଉପଯୁକ୍ତ ଗ୍ରୁପର ରକ୍ତ ନ ମିଳିଲେ ତାହା ପୁଣି ଜୀବନ ପ୍ରତି ସୃଷ୍ଟି କରିଥାଏ। ମଣିଷ ଶରୀରର ରକ୍ତର କୌଣସି ବିକଳ୍ପ ନ ଥିବାରୁ ରକ୍ତଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରୀ ହୋଇ ପଡ଼ିଛି। ଏହି ଉଦ୍ଦେଧଶ୍ୟରେ ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଠାରେ ଏକ ବିଶାଳ ରକ୍ତଦାନ ଦାନ ଶିବିର ଟାଟା ପାୱାର ନର୍ଥ ଓଡିଶା ଇଲେକ୍ଟ୍ରିକାଲ ସବଡିଭିଜନରେ ଏସଡିଓ ଧନେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକର୍ତ୍ତାମାନେ ରକ୍ତଦାନ କରିଥିଲେ। ଅସୁରାଳି ସବଡିଭିଜନରରେ ମୁଖ୍ୟଅତିଥି ରୂପେ ଏଚଓଜି ଧୀଜଦାସ ବସାକ, ଏସଇ ସ୍ୱାଗତ ମୁଖାର୍ଜୀ, ଏସଇ ଶ୍ରୀକାନ୍ତ କୁମାର ପାଢ଼ୀ ଓ ଅସୁରାଳିର ଏଚଓଜି ନିହାରକାନ୍ତ ଜେନା, ଭଦ୍ରକ ରେଡକ୍ରସର ଡ. ବାସନ୍ତୀଲତା ରାଉତ, ରତିକାନ୍ତ ବରାଳ, ରୂପକ ସେନାପତି, ଲିଲିମା ସ୍ୱାଇଁଙ୍କ ଉପସ୍ଥିତରେ ୮୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଟାଟା ପାୱାରର କାର୍ଯ୍ୟକର୍ତ୍ତାମାନେ ତଥା ପ୍ରଦୀପ ଦାସ, ଗୌରଗୋପାଳ ମହାନ୍ତି, ସାହିଲ ସିଂହ, ସତ୍ୟବ୍ରତ ମଲ୍ଲିକ, ବିକ୍ରମ ପୃଷ୍ଟି, ଦେବରାଜ ତ୍ରିପାଠୀ, ସ୍ୱାଗତ ବେହେରା, ବିଶାଳ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




## ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ପୂର୍ଣ୍ଣ ଉପସ୍ଥାପନ କାର୍ଯ୍ୟକ୍ରମ

**ଧାମନଗର,୩।୪(ସମିସ):** ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଅଧିକାର ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ଯୋଜନାରେ ସମସ୍ତେ ପଢନ୍ତୁ ସମସ୍ତେ ଆଗକୁ ବଢନ୍ତୁ ପରିପ୍ରେକ୍ଷୀରେ ପ୍ରବେଶ ଉତ୍ସବ ପୂର୍ଣ୍ଣ ଉପସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୫ ଦିନ ଧରି ଚାଲିବ। ଏହିସବୁ ଦିନରେ ପ୍ରତ୍ୟେକ ବିଦ୍ୟାଳୟରେ ପିଲାମାନଙ୍କୁ ସ୍ୱାଗତ କରିବା ପାଇଁ କଳସ, ଆମ୍ବଡାଳ ଟାଙ୍ଗିବା, ବେଲୁନ ଟଙ୍ଗା ଯାଏ, ବିଦ୍ୟାଳୟରେ ସୁସଜ୍ଜିତ କରି ନୂତନ ଭାବେ ଆସିଥିବା ପିଲାଙ୍କୁ ମିଠା ଦେଇ ଫୁଲ ପକାଇ ବିଦ୍ୟାଳୟକୁ ସ୍ୱାଗତ କରାଯାଏ। ଏହି ଅବସରରେ ଧାମନଗର ଏନଏ ଅଧୀନ ଫିଡର ପ୍ରାଥମିକ ବିଦ୍ୟାଳୟ, ରାଧାବଲ୍ଲଭପୁର ଜାଗୁଲାଇ ନୋଡାଲ ଉ.ପ୍ରା ବିଦ୍ୟାଳୟରୁ ଆରମ୍ଭ ହୋଇଛି ବୋଲି ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।



ବାସୁଦେବପୁର-ଧାମରା ରାସ୍ତାରେ ବେଆଇନ ପାର୍କିଂ

## ରାସ୍ତାକୁ ଗାଁ ଦାଣ୍ଡ ଭଳି କରୁଛନ୍ତି ବ୍ୟବହାର

ବାସୁଦେବପୁର,୩।୪(ସମିସ)

ବାସୁଦେବପୁର-ଧାମରା ରାସ୍ତାକୁ ସମ୍ପ୍ରସାରଣ ପାଇଁ ୩୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇଛି। ସମ୍ପ୍ରସାରଣ ଯେନତେନ ପ୍ରକାରେ କରାଗଲା। ହେଲେ ରାସ୍ତା ନିର୍ମାଣ ସରିଯିବା ପରେ ଯାତାୟାତର କୌଣସି ସୁଧାର ଆସିଲାନି; ବରଂ ଦୈନନ୍ଦିନ ଦୁର୍ଘଟଣା ଘଟି ଅନେକ ମୁଣ୍ଡ ଗଡିଥିବା ଘଟଣା ସାମନାକୁ ଆସିଲା। ଆଉ ଏହି ଦୁର୍ଘଟଣାର କାରଣ ଖୋଜି ପୁଲିସ ପ୍ରଶାସନ ନିକଟରେ ବାରମ୍ବାର ଦାବି ପରେ ବି ଫଳ ଶୂନ। ଲୋକେ ଦୁର୍ଘଟଣାର ବିଶେଷ କାରଣ ବେଆଇନ ପାର୍କିଂକୁ ଦାୟୀ କଲେ। ଏହି ରାସ୍ତାର ଦୁଇ ପାଶ୍ୱର୍ରେ ଗଢି ଉଠିଥିବା ସହରର ବିଭିନ୍ନ ସ୍ଥାନରେ କିଛି ମୁଷ୍ଟିମେୟ ଲୋକ ଗାଁଦାଣ୍ଡ ଭଳି ବ୍ୟବହାର କରୁଛନ୍ତି। ସିମେଣ୍ଟ, ଲୁହା ରଡ, ଆଳୁ, ଚିଙ୍ଗୁଡି ଖାଦ୍ୟ ଓ ବିଭିନ୍ନ ବ୍ୟବସାୟିକ ଗୋଦାମ କରି ବେଆଇନଭାବେ ଗାଡି ପାର୍କିଂ କରୁଛନ୍ତି। ଏପରିକି ରାସ୍ତା ଉପରେ ବେଧଡକ ଗାଡି ପାର୍କିଂ କରି ଲୋଡ ଅନଲୋଡ ଚଳାଇ ଆସୁଛନ୍ତି। ସେହି ରାସ୍ତା ଦେଇ ସହରବାସୀଙ୍କୁ ଯାତାୟାତ କରିବା ମୁସ୍କିଲ ହୋଇ ପଡିଛି। ଫଳରେ ସହର ମଧ୍ୟରେ ଦୁର୍ଘଟଣା ବଢି ଚା।ଲି।ଥି।ବା। ସହ ନିଦ୍ୱର୍ନ୍ଦ୍ୱରେ ଯା।ତା।ୟା।ତ କରିବା କଷ୍ଟକର ହୋଇଛି। ସହରର ମାତାଜୀମଠ ଛକଠାରୁ ଚାଟେରୀ ଛକ ଯାଏ ରାସ୍ତା ପାଶ୍ୱର୍ରେ ଦୋକାନୀମାନେ ଯାନବାହନ ରଖିବା ଫଳରେ ରାସ୍ତା ସଂକୁଚିତ ହୋଇ ପଡୁଛି। ଏତିକି ବେଳେ ଧାମରା ବନ୍ଦରକୁ ଯାତାୟାତ କରୁଥିବା ଲୁହାପଥର ବୋଝେଇ ଭଳି ଅନେକ ଭାରିଯାନ ଘାତକ ସାବ୍ୟସ୍ତ ହେଉଛି। ଖୋଦ ପୌରପାଳିକାର ନାକ ସମ୍ମୁଖରେ ବେଆଇନ ଭାବେ ଗାଡି ପାର୍କିଂ କରି ଯାତାୟାତକୁ ବିପଦପୂର୍ଣ୍ଣ ସଜାଇଥିବା କେତେକ ମୁଷ୍ଟିମେୟ ବ୍ୟବସାୟୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାରେ ପୌର ପ୍ରଶାସନ ପଛଘୁଞ୍ଚା ଦେଉଥିବା ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି।



ପୌର ପ୍ରଶାସନ ଚୁପ୍

## ଛାତ୍ରଙ୍କ କୃତିତ୍ୱ



ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ପ୍ରତାପପୁର ସାନନୁଆଗାଁ ଗ୍ରାମର ସୁମିତ କୁମାର ବେହେରାଙ୍କ ପୁଅ ସଚିନ, ନବୋଦୟ ସ୍କୁଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କୃତିତ୍ୱ ହାସଲ କରିଛନ୍ତି । ସେ ବୀରେଶ୍ୱରପୁର ପଞ୍ଚାୟତର ଶିରିଡିସାଇ ଇଂରାଜୀ ମାଧ୍ୟମ ସ୍କୁଲରୁ ୫ମଶ୍ରେଣୀ ପାସ କରିଛନ୍ତି। ନବୋଦୟ ସ୍କୁଲର ଷଷ୍ଠ ଶ୍ରେଣୀରେ ଅଧ୍ୟୟନ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବାରୁ ପିତା-ମାତା ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


### ଅଳମତି ବିସ୍ତରେଣ

(ପଠନ ପାଠନ ମୁହୂର୍ତ୍ତରୁ ଦୃଷ୍ଟି ତୋଳି ଦେଖ ନିଜ ହାତେ ନିଜ ଭାଗ୍ୟ ଡୋରୀ)

୧- ମାତୃପିତୃ ଋଣ ଅପରିଶୋଧେନ ପାପମା, ମୁଖାଗ୍ନି ବଞ୍ଚିତଂ ପରିଣାମୋତି।
୨- ଅଭକ୍ଷ ଗ୍ରହଣ ଦୋଷ ଦହ୍ୟତେ ଦେହମ୍, ରୋଗ ଭୋଗ୍ୟମ୍ କୁମ୍ଭୀପାକ ନର୍କଂ।
୩- ଧର୍ମ ଧାସେ ଗ୍ଳାନି ଧର୍ମ ସୌଦାଗରଃ, ଶଠ୍ୟତେ ଅନ୍ୟମ୍ କାଳସୂତ୍ର ଦଣ୍ଡମ୍।
୪- ସତ୍‌ପଥିଙ୍କ କଣ୍ଟକ ଯଃ ବିସ୍ଫୁଟଃ, ଆତତାୟୀ ସମା ଶୁକରମୁଖଂ ଜନ୍ମନି।
୫- ଶତଂ ସମାହାର କୃପଣ କ୍ଷମତାନ୍ଧଃ, ପରଜନ୍ମନି ବିଷଧର ଜୀବନଂ।
୬- ମହତ ଜନସ୍ୟ ଛିଦ୍ରାନୁଷ୍ୱେଣ ଷଡଯନ୍ତ୍ରଃ ଶୃଜଃ, ଆତୃଙ୍ଗ କ୍ଷତିକାରକଃ।
୭- ପରଧନ ଲୋଭାତ୍ ଚୌର୍ଯ୍ୟଂ କଳିକଳ୍ମଷେତି, କାରବାସ ଜନ୍ତୁନାଂ ଜନ୍ମନି।
୮- ଈର୍ଷା ଅସୂୟା କର୍କଟ ଗୁଣା ଏବ, ଅକର୍ମାଜସ୍ୟୁଃ ରୌରବ ଦଣ୍ଡ ପ୍ରାପ୍ୟମ୍।
୯- ଦୁର୍ନୀତି ଭ୍ରଷ୍ଟାଚାରୀ ଧନେ ଧନିକଃ, ଅସ୍ତିପତ୍ର ଯକ୍ଷେବ ଯଥା ପରଜନ୍ମମ୍।
୧୦- ପରନିନ୍ଦା ପରଚର୍ଚ୍ଚା ଅନ୍ତର୍ମଳ ମନାଃ, ଆତ୍ମହତ୍ୟା ଦୋଷେ ଅବଯାନମ୍।
୧୧- ଭୋଗ ବିଭୋର ଅର୍ଥାର୍ଥୀ ଅସଦା ଚରିତେ, ଅନ୍ଧକୂପେ ବନ୍ଦୀ କୁକର୍ମ ରତେ।
୧୨- ଅବଦାନ ଶୂନ୍ୟ ସଂଗଚ୍ଛଧ୍ୱଂ ଅହଂକାରଃ, ଅରଣ୍ୟ ରୋଦନ ଛାଗଳ ଜନ୍ମନି।
୧୩- ଆତ୍ମଦ୍ରୋହୀ ଧର୍ମସ୍ୟ ଅର୍ଥଂ ନ ଜାନାତି ଓଧ, ନ ଚ ବୁଦ୍ଧ ନିର୍ବାଣ ନିମିତ୍ତଂ।
୧୪- ସଦାତ୍ମା ସ୍ୱଧଯା କଷ୍ଟବାସୋ ଜୀବନଂ ହି, କଲ୍ୟାଣକୃତ କଶ୍ଚିତ୍ ନ ଦୁର୍ଗତିଂ।
୧୫- ନାମଧେୟ କର୍ମଂ, ପଙ୍କଜପି ପ୍ରତିଷ୍ଠାପ୍ୟ, ବିଧି ଯସ୍ୟ ବଶ ଦଣ୍ଡ ନାସ୍ତି।

| THE BED SEED OF LIFE | THE GOOD SHRINE OF LIFE |
|---|---|
| 1- Disobedience to parents. | 1- Life for love, stop hatred. |
| 2- Lie and libility. | 2- Wise ruler sans power. |
| 3- Avoiding right excepting wrong | 3- A teacher of truth. |

- ଶମିତ୍ୟୋମ୍ -
ସନ୍ତୁମୂର୍ତ୍ତି-ଚଳଭାଷ-୯୪୩୯୪୮୦୦୦୦

# ଧାମରାରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ଭଦ୍ରକ, ୩।୪(ସମିସ):** ଭଦ୍ରକ ଜିଲ୍ଲା ଧାମରା ଥାନା ପୁଲିସ ପକ୍ଷରୁ ଧାମରା, କଇଥଖୋଲା ଏବଂ ଦୋସିଙ୍ଗା ପଞ୍ଚାୟତ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗାମୀ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ଫୋର୍ସ ସହ ଏହି ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଧାମରା ଥାନା ପୁଲିସ ଏବଂ ଏକ ପ୍ଲାଟୁନ ଫୋର୍ସ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ଥିଲେ। ଆଗାମୀ ଜୁନ ୧ତାରିଖରେ ଚାନ୍ଦବାଲି ବିଧାନସଭା ଏବଂ ଭଦ୍ରକ ଲୋକସଭା ନିର୍ବାଚନୀ ମଣ୍ଡଳୀ ପାଇଁ ଭୋଟଗ୍ରହଣ ହେବାକୁ ସ୍ଥିରୀକୃତ ହୋଇଛି। ନିର୍ବାଚନ ସମୟରେ ଓ ପୂର୍ବରୁ ଆଦର୍ଶ ଆଚରଣ ବିଧି ପାଳନ ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଓ ଲୋକଙ୍କ ମନରୁ ଭୟ ଦୂର କରି ପୁଲିସ ଉପରେ ଆସ୍ଥା ପ୍ରକଟ ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଛି ବୋଲି ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।



## ଜାଲ୍ ମୃତ୍ୟୁ ପ୍ରମାଣପତ୍ର ନେଇ କ୍ରାଇମବ୍ରାଞ୍ଚ ମାମଲା

# ଜାମିନ ପାଇଲେ ଆର୍‌ଆଇ; ପୁଣି ୩ ଗିରଫ

**ଭଦ୍ରକ, ୩।୪(ସମିସ)**

ଜାଲ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ମାମଲାରେ ଗତକାଲି କ୍ରାଇମବ୍ରାଞ୍ଚ ଭଦ୍ରକ ସଦର ଆରଆଇ ଶରତ ମହାନ୍ତିଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଧାମନଗର ଜେଏମ୍‌ଏଫସି କୋର୍ଟରେ ହାଜର କରାଯାଇଥିଲା। ତେବେ ଜାମୀନ ନାମାଞ୍ଜୁର ପରେ ତାଙ୍କୁ ଜେଲ ପଠାଯାଇଥିଲା। ବୁଧବାର ଭଦ୍ରକ ଏଡିଜେଙ୍କ କୋର୍ଟରେ ତାଙ୍କ ଜାମୀନ ମଞ୍ଜୁର ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ମାମଲାରେ ସଂପୃକ୍ତ ଥିବା ୩ଜଣ ଅଭିଯୁକ୍ତଙ୍କୁ ଆଜି କ୍ରାଇମବ୍ରାଞ୍ଚ ଗିରଫ କରିଛି। ଗିରଫମାନେ ହେଲେ-ଧୂଷୁରୀ ଅଞ୍ଚଳର ପ୍ରମିଳା ରାଉତ, ଉର୍ମିଳା ରାଉତ ଓ ଅନ୍ୟଜଣେ ବୁଦ୍ଧିରାମ ଧଳ। ତେବେ କ୍ରାମଇବ୍ରାଞ୍ଚର ଏତଲାରେ ବୁଦ୍ଧିରାମଙ୍କ ନାମ ନଥିବା ବେଳେ ତଦନ୍ତ ବେଳେ ତାଙ୍କ ସଂପୃକ୍ତି ଥିବା ଜଣାପଡ଼ିବାରୁ ତାଙ୍କୁ ଗିରଫ କରାଯାଇଛି। ଆଜି ଗିରଫ୍ ୩ ଅଭିଯୁକ୍ତଙ୍କ ଜାମୀନ ଧାମନଗର ଜେଏମଏଫସି କୋର୍ଟ ନାମାଞ୍ଜୁର କରିଛନ୍ତି। ସୂଚନା ଯୋଗ୍ୟ, ଧୂଷୁରୀ ଥାନା ଅସୁରାଳି ରାଜସ୍ୱ ସର୍କଲ ଅଞ୍ଚଳରେ ଜମିଜମା ମାମଲାରେ ଦାଖଲ କରାଯାଇଥିବା ଏକ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ନେଇ କ୍ରାଇମବ୍ରାଞ୍ଚ ପାଖରେ ଅଭିଯୋଗ ଆଗତ ହୋଇଥିଲା। ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସେତେବେଳର ଅସୁରାଳି ଆର୍‌ଆଇ ଶ୍ରୀ ମହାନ୍ତିଙ୍କ ସମେତ ଲୋହିତା ରାଉତ, ବିମଳା ରାଉତ, ପ୍ରମିଳା ରାଉତ, ଉର୍ମିଳା ରାଉତ ଓ ସର୍ମିଳା ରାଉତଙ୍କ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଧାମନଗର ତହସିଲ ଅଧୀନ ଅସୁରାଳି ଆରଆଇ ସର୍କଲରେ ଜୟିରାମ ନାୟକଙ୍କ ପତ୍ନୀ ମନୋରମା ନାୟକଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ସେଠାରେ ଜାଲ୍ କରାଯାଇଥିଲା। ମନୋରମା ପ୍ରକୃତପକ୍ଷେ ଗତ ୨୦୦୬ ଜୁନ ୧୨ ତାରିଖରେ ଶାରିରୀକ ଅସୁସ୍ଥତା ଯୋଗୁଁ ମୃତ୍ୟୁବରଣ କରିଥିଲେ। ତେବେ ତାଙ୍କ ମୃତ୍ୟୁ ତାରିଖକୁ ଜାଲ୍ କରି ୨୦୧୫ ଜୁନ ୧୨ ବୋଲି ଦର୍ଶାଇ ସଂପୃକ୍ତ ଆର୍‌ଆଇ ଉପରୋକ୍ତ ଅଭିଯୁକ୍ତମାନଙ୍କ ଜରିଆରେ ସର୍ଜନା କରିଥିଲେ।

# ଗାଳିଗୁଲଜ ଅଭିଯୋଗ; ମାମଲା ରୁଜୁ

**ଭଣ୍ଡାରିପୋଖରୀ, ୩।୪(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମାଳଦା ପଞ୍ଚାୟତ ଜଳହରୀ ଗ୍ରାମର ବୀର ଜେନା ଓ ତାଙ୍କ ପରିବାରର ମହିଳାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଗତ ସୋମବାର ମଧ୍ୟାହ୍ନ ସମୟରେ ଗ୍ରାମର ଅନାଦି ଜେନା ଓରଫ ବାପି ଓ ସାନଭାଇ ପପୁ ଜେନା ବୀରଙ୍କ ମଝିଆ ଭାଇ ନିରୋଦଙ୍କ ଘର ସମ୍ମୁଖରେ ବୁଲେଟ ରଖି ଖରାପ ଭାଷାରେ ବୀରଙ୍କ ଭାଉଜଙ୍କୁ ଗାଳିଗୁଲଜ କରିଥିଲା। ସେ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଭାଉଜଙ୍କୁ ଅସଦାଚରଣ କରିଥିଲେ। ଆକ୍ରମଣରେ ଆହତ ହୋଇ ବୀର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ବୀରଙ୍କ ଅଭିଯୋଗ କ୍ରମେ ଥାନାରେ ବାପି ଓ ପପୁଙ୍କ ନାମରେ ମାମଲା ରୁଜୁ ହୋଇଛି।

# ଶିଆଳିଆରେ ଭ୍ରାମ୍ୟମାଣ ସତ୍‌ସଙ୍ଗ



**ବନ୍ତ/ଆଗରପଡ଼ା, ୩।୪(ସମିସ):** ବନ୍ତ ବ୍ଲକ ଅଧୀନସ୍ଥ ଶିଆଳିଆ ଗ୍ରାମରେ ବନ୍ତ ସାରଥୀ ପରିବାର ଦ୍ୱାରା ଏକ ଭ୍ରାମ୍ୟମାଣ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ତ, କେନ୍ଦୁଆପଦା, ଭଣ୍ଡାରିପୋଖରୀ, କାଉପୁର, ଚରମ୍ପା, ତିହିଡ଼ି, ବାସୁଦେବପୁର, ଆଗରପଡ଼ା ଏବଂ ଆନନ୍ଦପୁର ସମେତ ବହୁ ସ୍ଥାନରୁ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପ୍ରବଚକ ରମେଶ ଚନ୍ଦ୍ର ବେହେରାଙ୍କ ମୁଖରୁ ସାରଥୀ କଥାମୃତ ସମସ୍ତେ ଶୁଣିଥିଲେ। ଦିବ୍ୟ ଆଳତି ପରେ ପ୍ରସାଦସେବନ କରି ଭକ୍ତଗଣ ପ୍ରତ୍ୟାବର୍ତ୍ତନ କରିଥିଲେ।

# ବନ୍ତ ବ୍ଲକ୍‌ରେ ୧୩୯ଟି ବୁଥ୍‌ରୁ ୧୩ଟି ସମ୍ବେଦନଶୀଳ

**ବନ୍ତ/ଆଗରପଡ଼ା, ୩।୪(ସମିସ):** ଭଦ୍ରକ ଜିଲ୍ଲା ଭଣ୍ଡାରିପାଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତ ବ୍ଲକରେ ଚଳିତ ବର୍ଷ ୧୩୯ଟି ବୁଥ୍‌ରେ ୧ଲକ୍ଷ ୨୭ ହଜାର ୧୫୧ଜଣ ଭୋଟର ତାଙ୍କ ମତ ସାବ୍ୟସ୍ତ କରିବେ। ୨୦୧୪ ସାଧାରଣ ନିର୍ବାଚନରେ ବନ୍ତ ବ୍ଲକରେ ୧୩୨ଟି ବୁଥ୍‌ରେ ୧ଲକ୍ଷ ୫ହଜାର ଭୋଟର ମତଦାନ କରିଥିଲେ। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ୧୩ ହଜାର ୪୪୮ ଜଣ ନୂତନ ଭୋଟରକୁ ମିଶେଇ ସମୁଦାୟ ୧ଲକ୍ଷ ୧୮ ହଜାର ୪୪୮ ଜଣ ଭୋଟର ମତଦାନ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ବନ୍ତ ବ୍ଲକରେ ୮୭୦୩ଜଣ ନୂତନ ଭୋଟର ବୃଦ୍ଧି ପାଇ ମୋଟ ଭୋଟର ସଂଖ୍ୟା ୧ଲକ୍ଷ ୨୭ ହଜାର ୧୫୧ରେ ପହଞ୍ଚିଛି। ତନ୍ମମଧ୍ୟରୁ ୬୫ ହଜାର ୧୨୫ ଜଣ ପୁରୁଷ, ୬୨ ହଜାର ୧୮ ଜଣ ମହିଳା ଓ ୮ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ଚଳିତ ବର୍ଷ ପ୍ରଶାସନର ସୂଚନା ଅନୁଯାୟୀ ୧୩୯ଟି ବୁଥ୍‌ରେ ମତଦାନ ହେବାକୁ ସ୍ଥିର କରାଯାଇଛି। ସେଥିମଧ୍ୟରୁ ୧୩ ଟି ବୁଥ୍ ସମ୍ବେଦନଶୀଳ। ୨୩ ନଂ ଚାରିଗାଁ ଉନ୍ନୀତ ମଇ ବିଦ୍ୟାଳୟ, ୨୯ ନଂ ପୁରୁଷଣ୍ଡ ପ୍ରାଥମିକ ବିଦ୍ୟାଳୟ, ୪୧ ନଂ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ, ୪୭ ନଂ ଆଡ଼ିଆ ସଂଯୁକ୍ତ ଉପ୍ରା ବିଦ୍ୟାଳୟ, ୬୯ ନଂ ଦେବତାଗଡ଼ିଆ ପ୍ରାଥମିକ ବିଦ୍ୟାଳୟ, ୭୧ ନଂ ମଙ୍ଗୁଲି ପ୍ରାଥମିକ ବିଦ୍ୟାଳୟ, ୭୭ନଂ ଗୋପାଳପୁର ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟ, ୮୭ ନଂ ମହତାବ ମଇ ବିଦ୍ୟାଳୟ ବନ୍ତ, ୯୩ ନଂ କୁମ୍ଭକରାଳ ପ୍ରାଥମିକ ବିଦ୍ୟାଳୟ, ୧୦୮ ନଂ ବାଲୁକେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୧୬ ନଂ ଅଣ୍ଡିଆ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୨୬ ନଂ ତରାଗୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ୧୩୩ ନଂ ଆଦ୍ଦୋର ପ୍ରାଥମିକ ବିଦ୍ୟାଳୟ ଅର୍ନ୍ତଭୂକ୍ତ।

# ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅସୁରାଳି, ୩।୪(ସମିସ):** ଧାମନଗର ବ୍ଲକ ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ତରଫରୁ ଅବସର ଗ୍ରହଣ କରିଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସହିଦ ନଗର ହାଇସ୍କୁଲ ପରିସରରେ ଆୟୋଜିତ ସଭାରେ ମୁରଲିଧର ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଭୀମସେନ ହୋ, ସତ୍ୟ ସୁନ୍ଦର ପରିଡ଼ା, ବିଜୟ ଲକ୍ଷ୍ମୀ ନାୟକ ଓ ରମଣି ରଞ୍ଜନ ରାଉତ ଯୋଗଦେଇଥିଲେ ପ୍ରଧାନଶିକ୍ଷକ ବିଜୟ ମିଶ୍ର ମଞ୍ଚ ଆହ୍ୱାନ କରିଥିଲାବେଳେ ସହିଦନଗର ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରିୟତମା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ସତ୍ୟସୁନ୍ଦର ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦାୟୀ ଶିକ୍ଷାଧିକାରୀ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ସୌଭାଗ୍ୟ ବେହେରା, ସୁଜାତା ମହାନ୍ତି, ଦେବେନ୍ଦ୍ର ମଲ୍ଲିକ, ମଦନ ସାମନ୍ତରାୟ, ଗଙ୍ଗାଧର ବେହେରା, ସସ୍ମିତା ପାତ୍ର, ଜୟଶ୍ରୀ ରଶ୍ମିରେଖା ଜେନା, ପର୍ଶୁରାମ ପାତ୍ର, ଖଗେଶ୍ୱର ଜେନା, ଅରୁଣ ଜେନା, ଶରତ ସାହୁ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗଦାଧର ଜେନା ସମ୍ବର୍ଦ୍ଧନାର ଉତ୍ତର ରଖିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ଗାନ ପରେ ନାରଣ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହିଦ ନଗର ହାଇସ୍କୁଲ ର ସମସ୍ତ ଶିକ୍ଷକ ଓ କର୍ମଚାରୀ ପରିଚାଳନା କରିଥିଲେ।



# ଖେଳନା ପ୍ରସ୍ତୁତି କର୍ମଶାଳା

**ମଙ୍ଗୁରୀରୋଡ, ୩।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ବିଦ୍ୟାଳୟଠାରେ ଦୁଇ ଦିନ ଧରି ଖେଳନା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୦ରୁ ଅଧିକ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। କର୍ମଶାଳାରେ ୪୦ପ୍ରକାର ବିଭିନ୍ନ ଖେଳନା ପ୍ରସ୍ତୁତି ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଇଓ ଅଧିର କୁମାର ତରାଇ, ଏବିଓ ଉମେଶ ଚନ୍ଦ୍ର ଜେନା, ମଞ୍ଜୁଳା ନାୟକ, ଦିଲ୍ଲିପ ଓଝା, ଚକ୍ରଧର ଜେନା, ସମ୍ବଳ ଶିକ୍ଷକ ରଞ୍ଜନ ମହାନ୍ତି, ବରିଷ୍ଠ ଶିକ୍ଷକ ପୁଷ୍ପକ ଚନ୍ଦ୍ର ଭାରତୀ, ତ୍ରିଲୋଚନ ନାୟକ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଦେବଦତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଅସୁରାଳି, ୩।୪(ସମିସ):** ସ୍ଥାନୀୟ ଗୋବିନ୍ଦପୁର ଗାଁର ପରୋପକାରୀ ସମାଜସେବୀ ଶ୍ରୀଧର ବାଇଙ୍କ ୮୩ ବର୍ଷରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ହେବ ବାର୍ଦ୍ଧକ୍ୟଜନିତ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମର ମନୋରଞ୍ଜନ ନାଥ ତଥା ବହୁ ସମାଜସେବୀ, ରାଜନେତା, ବୁଦ୍ଧିଜୀବୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଥିଲେ। ସେ କଂଗ୍ରେସ ଦଳର ପୁରୁଖା କର୍ମୀ ଥିଲେ। ଏହା ଛଡ଼ା ସେ ଜଣେ ପ୍ରଖ୍ୟାତ କ୍ରୀଡ଼ାବିତ ଏବଂ ଫୁଟବଲ ମ୍ୟାଚ୍‌ର ରେଫେରୀ କାର୍ଯ୍ୟ ତୁଲାଉ ଥିଲେ। ତାଙ୍କ ମୃତ୍ୟୁରେ ଶୋକ ବାର୍ତ୍ତା ପ୍ରଦାନ କରିଛନ୍ତି ସାମ୍ବାଦିକ ସନ୍ତୋଷ ଦାସ, ଅବସର ପ୍ରାପ୍ତ ଶିକ୍ଷକ ବୈରାଗୀ ଚରଣ ଦାସ, ସ୍ଥାନୀୟ ସରପଞ୍ଚ ସୁବାସ ଚନ୍ଦ୍ର ମହାକୁଡ଼, ସାମ୍ବାଦିକ ଅଭୟ ସାହୁ, ସାମ୍ବାଦିକ ରସାନନ୍ଦ ସାହୁ, ସମାଜ ସେବୀ ଦୋଳ ଗୋବିନ୍ଦ ନାୟକ ପ୍ରମୁଖ।



# ହୃଷୀକେଶ ବେହୁରିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ଅସୁରାଳି, ୩।୪(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗାଁର ଧର୍ମ ପରାୟଣ ବ୍ୟକ୍ତି ତଥା ପରୋପକାରୀ ମଣିଷ ହୃଷୀକେଶ ବେହୁରୀଆଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରାଦ୍ଧବାର୍ଷିକୀ ଉତ୍ସବ ଅବସରରେ ଭାଗିରଥି ବେହୁରିଆଙ୍କ ସଭାପତିତ୍ୱରେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ଓ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସମାଜସେବୀ, ରାଜନେତା ଯୋଗଦେଇ ହୃଷୀକେଶ ବେହୁରିଆଙ୍କ ଜୀବନର ଅମଳିନ କୃତିତ୍ୱ ବିଷୟରେ ଗୁଣଗାନ କରାଯାଇଥିଲା। କଲେଇ ସରପଞ୍ଚ ନିରଞ୍ଜନ ମଲ୍ଲିକ, ସମାଜସେବୀ ତାପସ ରାୟ, ସାମ୍ବାଦିକ ସନ୍ତୋଷ ଦାସ, ଅଭିରାମ ସାହୁ, ବରଗଡ଼ା ସମବାୟ ସମିତି ସଭାପତି ତ୍ରିଲୋଚନ ଦାସ ଓ ଜ୍ଞାତି କୁଟୁମ୍ବ ପରିବାର ବର୍ଗ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



# ରୋଟାରୀ କ୍ଲବ୍ ଓ ମିଶନ ପବ୍ଲିକ୍ ସ୍କୁଲର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା




**ଭଦ୍ରକ, ୩।୪(ସମିସ):** ଭଦ୍ରକ ରୋଟାରୀ କ୍ଲବ୍ ଓ ମିଶନ ପବ୍ଲିକ ସ୍କୁଲ ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମିଶନ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ୨୫୬ ଜଣ ସ୍ଥାନୀୟ ଜନସାଧାରଣ, ରୋଟାରୀ ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ରୋଟାରୀ ସଭାପତି ରୋ. ପ୍ରଣବ କୁମାର ସାହୁ, ଡିଆରସିସି ରୋ. ଇନ୍ଦ୍ରଜିତ ସାହୁ ଓ ଅବସରପ୍ରାପ୍ତ ସହନିର୍ଦ୍ଦେଶକ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସଂଗ୍ରାମ ସାହୁ, ରୋ. ପୂର୍ଣ୍ଣଚନ୍ଦ୍ର ସାହୁ, ରୋ. ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋ. ନାସିର ବକ୍ସ, ରୋ. ପ୍ରମୋଦ ଜେନା, ରୋ.ସନ୍ତୋଷ କୁମାର ନାୟକ, ରୋ. ବାଦଲ କିଶୋର ମହାପାତ୍ର, ରୋ. ସୀତାକାନ୍ତ ଦାସ ପ୍ରମୁଖ ଶିବିର ଉଦଘାଟନ କରିଥିଲେ। ବରିଷ୍ଠ ଡାକ୍ତର ରବୀନ୍ଦ୍ର କୁମାର ନାୟକଙ୍କ ସହଯୋଗରେ ଦିନେଶ ପଣ୍ଡା, ପ୍ରତାପ ନାୟକ, ଅଜୟ ପଣ୍ଡା ପ୍ରମୁଖ ପରୀକ୍ଷା କରିଥିଲେ।

# ଧାମନଗର ବ୍ଲକ୍‌ର ଶତାଧିକ ଗ୍ରାମରେ ନଳକୂଅ ଅଚଳ

**ଦୋବଲ, ୩।୪(ସମିସ)**

ବ୍ଲକର ଶତାଧୀକ ଗ୍ରାମରେ ଏବେ ପାନୀୟ ଜଳର ସଙ୍କଟ ଦେଖାଦେଇଥିଲା ବେଳେ ତାହାର ନିରାକରଣ ପାଇଁ ବିଭାଗୀୟ ତତ୍ପରତା ପ୍ରକାଶ ପାଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଲୋକେ ବାରମ୍ବାର ସ୍ଥାନୀୟ ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରି ନୟାନ୍ତ ହେଲାପରେ ଏବେ ପାନୀୟ ଜଳ ପାଇଁ ହସ୍ତସନ୍ତ ହେଉଛନ୍ତି। ବ୍ଲକର ଧାମନଗର, ଦୋବଲ, ଧୂଷୁରୀ ଓ ଅସୁରାଳୀ ଜୋନର ଅନେକ ନଳକୂଅ ଅଚଳ ହୋଇଛି। ଏବେ ଅନେକ ଗ୍ରାମରେ ଭୀଷଣ ଜଳକଷ୍ଟ ପରିଲକ୍ଷିତ ହୋଇଥିଲା ବେଳେ ଏହି ସବୁ ଅଞ୍ଚଳରେ ପୂର୍ବରୁ ବସା ଯାଇଥିବା ନଳକୂଅଗୁଡ଼ିକ ଅଚଳ ହୋଇ ପଡ଼ିଛି। ସେହିପରି ଏହିସବୁ ଅଞ୍ଚଳ ଅନେକ ସ୍ଥାନରେ ରହିଥିବା ବସୁଧା ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ମଧ୍ୟ ଅଚଳ ହେବା ଫଳରେ ପାଣି ଟୋପେ ପିଇବା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଫଳରେ ଲୋକେ ପିଇବା ପାଣି ପାଇପାରୁ ନାହାନ୍ତି। ପଧାନୀ, ଦୋବଲ, ମୁସ୍ତାଫାପୁର, ଭଟସାହୀ, ନଦୀଗାଁ, ନୂଆପଡ଼ା, ଖଡ଼ିପଦା ସମେତ ବିଭିନ୍ନ ଅଂଚଳରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଛି। ବ୍ଲକର ୧୫ ରୁ ଅଧିକ ପଞ୍ଚାୟତରେ ଜଳ ସଙ୍କଟ ପରିଲକ୍ଷିତ ହୋଇଛି। ପ୍ରତ୍ୟେକ ଗ୍ରୀଷ୍ମ ସମୟରେ ପରିସ୍ଥିତି ଜଟିଳ ହୋଇଥାଏ। ଜିଲ୍ଲା ପ୍ରଶାସନ ପାଖରେ ତଥ୍ୟ ମହଜୁଦ ରହିଥିଲେ ମଧ୍ୟ ତାହା ଆଧାରରେ କୌଣସି ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଲୋକେ ନାହିଁ ନଥିବା ହୀନସ୍ଥା ଭୋଗୁଛନ୍ତି। ଏପରି କି ଗ୍ରୀଷ୍ମ ପ୍ରବାହ ଏବେ ଉତ୍କଟ ହୋଇଥିଲେ ମଧ୍ୟ ଅଚଳ ହୋଇ ପଡ଼ିଥିବା ନଳକୂଅଗୁଡିକୁ ମରାମତି କରାଯାଉନାହିଁ। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବା କୁହାଯାଉଥିଲା ବେଳେ ଧାମନଗର ବ୍ଲକର ଏହିସବୁ ଅଞ୍ଚଳରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ପରିସ୍ଥିତି ଅଧିକ ଜଟିଳ ହେବା ପୂର୍ବରୁ ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ପ୍ରଶାସନ ନିକଟରେ ଲୋକେ ଦାବି କରିଛନ୍ତି। ସୂଚନା ଥାଉକି ମୁସ୍ତାଫାପୁର ପଞ୍ଚାୟତ ଅଫିସ ନିକଟରେ ଦୀର୍ଘ ଦିନ ହେବ ନଳକୂଅଟି ଅଚଳ ଥିବା ବେଳେ ତାହା ମରାମତି ହେଉ ନଥିବା ବେଳେ ଅନ୍ୟ ଗ୍ରାମରେ ପାନୀୟ ବ୍ୟବସ୍ଥା କିପରି ଥିବ ତାହା ଅନୁମାନ କରାଯାଇପାରେ। ଏ ସଂପର୍କରେ ବିଡିଓ ବନବିହାରୀ ଦିନ୍ଦା ଙ୍କ ସହ ଯୋଗାଯୋଗ କରାଯାଇଥିଲା। ପାନୀୟ ଜଳ ସମସ୍ୟାର ଅଭିଯୋଗ ଆସିନି ତଥାପି ଏ ଦିଗରେ ନଜର ଦିଆଯିବ ବୋଲି ସେ କହିଛନ୍ତି।



# ଶାରଦା ବିଦ୍ୟାମନ୍ଦିର ଦ୍ୱାବିଂଶ ବାର୍ଷିକୋତ୍ସବ

**ଭଣ୍ଡାରିପୋଖରୀ, ୩।୪(ସମିସ):** ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ଦ୍ୱାବିଂଶତମ ବାର୍ଷିକୋତ୍ସବ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଚକ୍ରଧର ପ୍ରଧାନଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବୈଜ୍ଞାନିକ ବିଜ୍ଞାନ ଆଲେଖ୍ୟକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ପରିଚାଳନା କମିଟି ସଦସ୍ୟ ତାରାକାନ୍ତ ରାଉତ, ଅବସରପ୍ରାପ୍ତ ଶିକ୍ଷକ ତଥା ପାଲାଗାୟକ ବିଶ୍ୱମ୍ବର ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ତୃଣମୂଳସ୍ତରରୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଥିବା ଛାତ୍ରଛାତ୍ରୀ ଚିହ୍ନଟ କରାଯିବା ଦରକାର। ସେମାନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେଲେ ରାଷ୍ଟ୍ରରେ ବହୁ ଉଚ୍ଚକୋଟୀର ବୈଜ୍ଞାନିକ ଉପଲବ୍ଧ ହୋଇପାରିବେ। ଏହା ଦ୍ୱାରା ରାଷ୍ଟ୍ରର ବିକାଶ ଓ ମର୍ଯ୍ୟାଦା ଉଚ୍ଚତର ସୋପାନକୁ ଯାଇପାରିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିର ମୁଖପତ୍ର 'ଶାରଦାଶ୍ରୀ'ର ଉନ୍ମୋଚନ କରାଯାଇଥିଲା। ଏହାସହ ବିଦ୍ୟାମନ୍ଦିର ପକ୍ଷରୁ ଶ୍ରେଷ୍ଠ ଶିକ୍ଷକ ଓ କବି ଭାବେ ଶାରଦାନନ୍ଦନ ପାଲିତଙ୍କୁ, କଳାକାର ରାଜେଶ ବାରିକ ଓ ରମାକାନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଗୁରୁମା ସୁସ୍ମିତା ସ୍ୱାଇଁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଶରତଚନ୍ଦ୍ର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ନାୟକଙ୍କ ସଂଯୋଜନାରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ରାଧାରାଣୀ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। କବି ପବନ କୁମାର ନାୟକ ଅତିଥି ପରିଚୟ ଓ ଶିକ୍ଷକ ନିର୍ମଳ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଗୁରୁଜୀ ସୁଶାନ୍ତ ସେନାପତିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ମଧୁ ମୂର୍ଚ୍ଛନା', 'ମୋ ମାଆ', 'ଦୁର୍ଘଟଣା', 'ସୁସ୍ଥ ନିର୍ବାଚନ', 'ମୋ ଦେଶ ଭାରତ' ଆଦି ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଉତ୍ସବକୁ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ।



ସକାଳ THE SAKALA



### ୬ରେ ମହାବାରୁଣୀ

# ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ସମ୍ଭାବନା

**ଯାଜପୁର, ୩।୪(ସମିସ)**



ଆସନ୍ତା ୬ ତାରିଖ ଦିନ ପବିତ୍ର ମହାବାରୁଣୀ ଅନୁଷ୍ଠିତ ହେବ। ଉକ୍ତ ଦିନ ପୁଣ୍ୟତୋୟା ବୈତରଣୀରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବା ଓ ପିଣ୍ଡଦାନ କରିବା ସମ୍ଭାବନା ରହିଛି। ସକାଳ ୭ଟା ୯ ମିନିଟରୁ ଶତଭିଷା ନକ୍ଷତ୍ର ଓ ଶନିବାର ଯୁକ୍ତରେ ଦିନ ୧୧ଟା ୫୭ ମଧ୍ୟରେ ଏହି ମହାବାରୁଣୀ ସ୍ନାନଯୋଗ ରହିଛି। ଏଣୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇବା ସହ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର ସମ୍ଭାବନା ରହିଛି। ବୈତରଣୀରେ ଯୋଗ ପଡ଼ିବା ସମୟରେ ସ୍ନାନ ଓ ପିଣ୍ଡଦାନ କଲେ ପିତୃ ପୁରୁଷ ମୋକ୍ଷପ୍ରାପ୍ତି ହୁଅନ୍ତି ବୋଲି ଶ୍ରଦ୍ଧାଳୁଙ୍କ ମନରେ କେଉଁ କାଳରୁ ବିଶ୍ୱାସ ରହିଛି।

ମହାବାରୁଣୀକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ପକ୍ଷରୁ ନଦୀର ଦୁଇ ପାର୍ଶ୍ୱରେ ବ୍ୟାରିକେଟ କରିବା ସହ ସପ୍ତମାତୃକା ସେତୁର ଦୁଇ ପାର୍ଶ୍ୱକୁ ବାଉଁଶ ଦ୍ୱାରା ଆବଦ୍ଧ କରାଯାଇଛି। ଯେପରି ଜଣେ ଭକ୍ତ ଭିଡ଼ ସମୟରେ ନଦୀ ଗର୍ଭକୁ ପଡ଼ି ନ ଯାଏ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏପରିକି ନଦୀ ବାଲିରେ ମହିଳା ଭକ୍ତ ଯେପରି ନିଜର ବସ୍ତ୍ର ବଦଳାଇ ପାରିବେ, ସେଥିପ୍ରତି ପୌର ପ୍ରଶାସନ ଦୃଷ୍ଟି ଦେବା ସହ ଅସ୍ଥାୟୀ ଗୃହ ନିର୍ମାଣ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଖରା ଦାଉରୁ ରକ୍ଷା ନିମନ୍ତେ ଅସ୍ଥାୟୀ ପାନୀୟ ଜଳ ବ୍ୟବସ୍ଥା, ମହିଳାଙ୍କ ପାଇଁ ଲୁଗା ବଦଳାଇବା ଗୃହ ନିର୍ମାଣ କରାଯାଇଛି। ମହାବାରୁଣୀକୁ ଦୃଷ୍ଟିରେ ରଖି ଯାଜପୁର ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଭିଡ଼ ସମୟରେ ଶ୍ରଦ୍ଧାଳୁଙ୍କୁ କିପରି ନିୟନ୍ତ୍ରଣ କରାଯିବ ଓ ଗାଡ଼ି ମୋଟର କେଉଁ ସ୍ଥାନରେ ରଖାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ବୁଡ଼ ଓ ପିଣ୍ଡଦାନ, ଶାନ୍ତିଶୃଙ୍ଖଳା ନିମନ୍ତେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଦଶାଶ୍ୱମେଧ ଘାଟ ନିକଟରେ ନିର୍ମାଣାଧୀନ ବ୍ୟାରେଜ ଅଞ୍ଚଳରେ ନଦୀର ଜଳସ୍ତର ଅଧିକ ରହିଥିବାରୁ ବୁଡ଼ ପକାଇବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷମାନଙ୍କରେ ମେଳା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ କୌଣସି ମେଳା ହେବା ନେଇ ଯୋଜନା ନ ଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଏକାଧିକ ବାର ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରାଯାଇ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

## ସୁଜାତାଙ୍କ ପ୍ରଚାର ଆରମ୍ଭ



**ଦଶରଥପୁର, ୩।୪(ସମିସ):** ଯାଜପୁର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଭାବେ ସୁଜାତା ସାହୁଙ୍କ ନାମ ଘୋଷଣା କରାଯାଇଛି। ଯାଜପୁରର ପ୍ରତିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟି କୃତଜ୍ଞତା ଜଣାଇବା ପରେ ସୁଜାତା ତାଙ୍କର ପ୍ରଚାର ଆରମ୍ଭ କରିଛନ୍ତି। ସେ କିଛି ନେତାଙ୍କ ଘରେ ଯାଇ ଭେଟିବା ପରେ ଦଶରଥପୁର ବ୍ଲକର ପଞ୍ଚାୟତସ୍ତରୀୟ ସଭା କରି ତାଙ୍କ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏ ଅବସରରେ ବ୍ଲକସ୍ଥ ଛତିଶ ପଞ୍ଚାୟତରୁ ନିର୍ବାଚନୀ ସଭା ଆରମ୍ଭ କରାଯାଇଛି। ବ୍ଲକ ବିଜେଡି ସଭାପତି ଅଜୟ ସାହୁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ସଭାପତି ସରୋଜ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ଦିଗାମ୍ବର ମଲ୍ଲିକ, ସରପଞ୍ଚ ହିମାଂଶୁ ଶେଖର ମହାନ୍ତି, ସମିତି ସଭ୍ୟ ସତ୍ୟପ୍ରସନ୍ନ ମହାପାତ୍ର, ପ୍ରମୁଖ ସାମିଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ବାଚନରେ ବିଜେଡି ପ୍ରାର୍ଥୀ ସୁଜାତା ସାହୁଙ୍କୁ ସର୍ବାଧିକ ଭୋଟ ଦେବା ପାଇଁ ସମସ୍ତେ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ। ବିଜେଡି ଦଳର କରିବାଭିମୁଖୀ କାର୍ଯ୍ୟ, ପ୍ରକାଶ ଦାସଙ୍କ ଯାଜପୁର ଜିଲ୍ଲାକୁ ୧ନଂ ଜିଲ୍ଲା କରିବାର ଉଦ୍ୟମ ଓ ମୁଁ ଅହରହ ଲୋକସେବା ଯୋଗାଇବାରେ କେବେ ଅବହେଳା କରିବି ନାହିଁ ବୋଲି ସୁଜାତା ସାହୁ ଉପସ୍ଥିତ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ପଞ୍ଚାୟତର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି ଆଜି ମଧ୍ୟ ମଙ୍ଗଳପୁର ପଞ୍ଚାୟତର ବହୁ କର୍ମୀ ଓ ନେତାଙ୍କ ଘରେ ପହଞ୍ଚି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିବା ଦେଖିବାକୁ ମିଳିଛି।

### ବ୍ରାଉନସୁଗର ଜବତ ଘଟଣା

## ଫେରାର ଅଭିଯୁକ୍ତ ସନ୍ତୋଷକୁ ଗିରଫ କଲା ବିଞ୍ଝାରପୁର ପୁଲିସ

**ପ୍ରୀତିପୁର, ୩।୪ (ସମିସ):** ବିଞ୍ଝାରପୁର ଥାନା ପୁଲିସକୁ ଆଉଏକ ସଫଳତା ମିଳିଛି। ବ୍ରାଉନସୁଗର ଜବତ ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ଦାସକୁ ଆଜି ବିଞ୍ଝାରପୁର ଥାନା ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଗତ ଫେବୃଆରୀ ୨୫ ତାରିଖ ସନ୍ଧ୍ୟାରେ ବାଙ୍କିପାଳ ସହପୁର ରାସ୍ତାର ଏକ ଇଟାଭାଟି ନିକଟରେ କିଛି ଯୁବକ ସଂଗଠିତ ହୋଇ ବ୍ରାଉନସୁଗର ବିକ୍ରି ଓ ସେବନ କରୁଥିବାବେଳେ ବିଞ୍ଝାରପୁର ଥାନା ଆଇଆଇସି ଅଂଶୁମାଳା ଦାସ ଚଢ଼ଉ କରି ବ୍ରାଉନସୁଗର ବିକ୍ରେତା କଏଣାରଘୁନାଥପୁର ଗ୍ରାମର କୈଳାସ ମଲ୍ଲିକକୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ବ୍ୟବସାୟୀ ଏହି ଗ୍ରାମର ବାବାଜୀ ଚରଣ ଦାସଙ୍କ ପୁଅ ସନ୍ତୋଷ ସେଠାରୁ ଫେରାର ହୋଇଯାଇଥିଲା। ପୁଲିସ ଏହି ଘଟଣାରେ ବିଞ୍ଝାରପୁର ଥାନାରେ ୧୩୯/୨୪ରେ ମାମଲା ରୁଜୁ କରି କୈଳାସକୁ କୋର୍ଟ ଚାଲାଣ କରିଥିବାବେଳେ ଫେରାର ଅଭିଯୁକ୍ତ ସନ୍ତୋଷକୁ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା। ଗତକାଲି ବିଳମ୍ବିତ ରାତିରେ ସନ୍ତୋଷ ଘରକୁ ଆସିଥିବା ଖବର ପାଇ ବିଞ୍ଝାରପୁର ଥାନା ଅଧିକାରିଣୀ ଶ୍ରୀମତୀ ଦାସ ଅନ୍ୟ ପୁଲିସ ଅଧିକାରୀଙ୍କ ସହିତ ସନ୍ତୋଷଙ୍କ ଘର ଉପରେ ଚଢ଼ଉ କରି ତାକୁ ଗିରଫ କରିବାରେ ସଫଳ ହୋଇଥିଲେ। ଆଜି ବିଞ୍ଝାରପୁର ଥାନା ପୁଲିସ ଏହି ଘଟଣାରେ ସନ୍ତୋଷକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ତିନି ଲୁଟେରା କୋର୍ଟ ଚାଲାଣ

**ପାଣିକୋଇଲି, ୩।୪ (ସମିସ):** ରାସ୍ତାରେ ଟଙ୍କା ଓ ମୋବଇଲ ଲୁଟ୍ କରିବା ଅଭିଯୋଗରେ ପାଣିକୋଇଲି ପୁଲିସ ଆଜି ତିନି ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ସେମାନେ ହେଲେ କରଦା ପଞ୍ଚାୟତ ଅନ୍ତର୍ଗତ ପଳସା ଗ୍ରାମର ଗୋବିନ୍ଦ ଜେନାଙ୍କ ପୁଅ ଶେଷ ଜେନା (୫୦), ସୁବାସ ମଳିକଙ୍କ ପୁଅ ଚଗଲା ଓରଫ ଅଜୟ ମଳିକ (୩୦) ଓ ପୀତବାସ ସାହୁଙ୍କ ପୁଅ ଶେଷ ଓରଫ ଶଶଧର ସାହୁ(୩୪)। ଗତ ୧ ତାରିଖ ସନ୍ଧ୍ୟାରେ କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ଗ୍ରାମର ମୂଳି ମଳିକଙ୍କ ପୁଅ ଶ୍ରୀଧର କାମ ସାରି ଷଠିପୁର-ବରୁଣ୍ଡାଇ ରାସ୍ତାରେ ସାଇକଲରେ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ତିନି ଜଣ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ତାଙ୍କଠାରୁ ମୋବାଇଲ ଓ ନଗଦ ୮୦୭୦ ଟଙ୍କା ଛଡାଇନେଇଥିଲେ। ଶ୍ରୀଧର ସେମାନଙ୍କୁ ଚିହ୍ନିଥିଲେ। ପାଣିକୋଇଲି ପୁଲିସ ସେଠାରେ ପହଞ୍ଚି ସାଇକଲକୁ ଉଦ୍ଧାର କରି ଆଣିବା ପରେ ଶ୍ରୀଧରଙ୍କ ଅଭିଯୋଗ କ୍ରମେ ୧୭୮/୨୪ରେ ମାମଲା ରୁଜୁ କରିଥିଲା। ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଆଜି ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସବଇନ୍ସପେକ୍ଟର ପ୍ରକାଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ହୋଟେଲରୁ ଟଙ୍କା ବାକ୍ସ ଓ ୬ଟି ଗ୍ୟାସ୍ ଟାଙ୍କି ଚୋରି

**ଦଶରଥପୁର, ୩।୪ (ସମିସ):** ଯାଜପୁର ଟାଉନ୍ ସିଂହପୁର ରାଜ୍ୟ ସଡ଼କପଥ ଅନ୍ତର୍ଗତ ଗେଲ ଇଣ୍ଡିଆ ଷ୍ଟକ୍‌ୟାର୍ଡ଼ ନିକଟରେ ଥିବା ସାହୁ ହୋଟେଲରୁ ହୋଇଛି ବଡ଼ଧରଣର ଚୋରି। ଏ ଘଟଣାକୁ ନେଇ ହୋଟେଲ ମାଲିକ ଯାଜପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ବାରମ୍ବାର ସ୍ଥାନୀୟ ଅଞ୍ଚଳରେ ଚୋରି ଘଟଣା ଉପରେ ପୁଲିସ ଅଙ୍କୁଶ ଲଗାଇବାରେ ଅସମର୍ଥ ହେଉଥିବା ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି।
ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟ ସନିକଟ ଗେଲ ଇଣ୍ଡିଆ ଷ୍ଟକ୍‌ୟାର୍ଡ଼ ନିକଟରେ ଥିବା ସାହୁ ହୋଟେଲର ମାଲିକ ମଣିଲାଲ ସାହୁ ପ୍ରତିଦିନ ରାତିରେ ହୋଟେଲ ବ୍ୟବସାୟ ବନ୍ଦ ପରେ ହୋଟେଲ ଭିତରେ ନିଜ କର୍ମଚାରୀଙ୍କ ସହିତ ଶୋଇ ପଡ଼ନ୍ତି। ଗତକାଲି ବିଳମ୍ବିତ ରାତିରେ ମଣିଲାଲ ହୋଟେଲ ବ୍ୟବସାୟ ସରିବା ପରେ କୌଣସି କାରଣରୁ ହୋଟେଲରେ ଚାବି ପକାଇ ଘରକୁ ପଳାଇ ଆସିଥିଲେ। ଆଜି ସକାଳେ ହେଟୋଲରେ ପହଞ୍ଚି ଦେଖନ୍ତି ହୋଟେଲର ମୁଖ୍ୟଦ୍ୱାର ସହିତ ପଛପଟ ଦ୍ୱାର ଓ ଝରକା ଗ୍ରିଲକୁ ଭାଙ୍ଗି ଦୁର୍ବୃତ୍ତ ରୋଷେଇରେ ବ୍ୟବହୃତ ୬ଟି ଗ୍ୟାସ ଟାଙ୍କି, କିଛି ମସଲା ପେଟି ଓ କ୍ୟାସ ବାକ୍ସକୁ ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ମଣିଲାଲ୍ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ସୁବାସ ମୁଦୁଲି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହୋଟେଲ ନିକଟରେ ଥିବା ୨ଟି ବ୍ୟବସାୟ କେନ୍ଦ୍ରର ସିସି ଟିଭି ଫୁଟେଜକୁ ଛାନଭିନ୍ କରିବା ସହିତ ହୋଟେଲ ଚାରିପଟେ ତନଖି କରିଥିଲେ। ପରେ ସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରାଯାଇଥିଲେ ମଧ୍ୟ ପୁଲିସକୁ କୌଣସି ସଫଳତା ମିଳି ନ ଥିବା ଜଣାଯାଇଛି।

## ସୁକିନ୍ଦା ଅଞ୍ଚଳରୁ ଚୋରି ଟିପ୍ପର ଢେଙ୍କାନାଳରୁ ଜବତ

**ସୁକିନ୍ଦା, ୩।୪(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବଲବା ନିକଟ ପେଟ୍ରୋଲ ପମ୍ପ ପରିସରରୁ ଗତ ରବିବାର ରାତିରେ ଚୋରି ହୋଇଥିବା ଏକ ଟିପ୍ପରକୁ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଞ୍ଚଳରୁ ଜବତ ହୋଇଥିବା ଜଣାପଡ଼ିଛି। ସୁକିନ୍ଦା-ହାତିବାରୀ ରାସ୍ତାର ଆମ୍ବଲବା ନିକଟସ୍ଥ ପେଟ୍ରୋଲ ପମ୍ପରେ ରବିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ନେଇ ଗାଡ଼ିର ମାଲିକ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ଖରଡ଼ି ଗ୍ରାମ ହେମନ୍ତ କୁମାର ସାହୁଙ୍କ ଡ୍ରାଇଭର ଟିପ୍ପରକୁ ରବିବାର ସନ୍ଧ୍ୟାରେ ପେଟ୍ରୋଲ ପମ୍ପରେ ରଖି ଘରକୁ ଯାଇଥିଲେ। ସୋମବାର ସକାଳୁ ଡ୍ରାଇଭର ଗାଡ଼ି ନେବାକୁ ପହଞ୍ଚିବା ପରେ ଗାଡ଼ି ନ ଥିବା ଦେଖି ମାଲିକଙ୍କୁ ସୂଚନା ଦେଇଥିଲେ। ମାଲିକ ପହଞ୍ଚି ଘଟଣା ସମ୍ପର୍କରେ ଶୁଣିବା ପରେ ଅନେକ ଖୋଜାଖୋଜି କରି ନିରାଶ ହେବାପରେ ସୁକିନ୍ଦା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ପେଟ୍ରୋଲ ପମ୍ପରେ ଥିବା ସିସିଟିଭି ଫୁଟେଜ ଦେଖି ଘଟଣାର ତଦନ୍ତ ଜାରି ରଖିଥିଲା। ଏ ନେଇ ସୁକିନ୍ଦା ପୁଲିସ ୧୧୬/୨୦୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ଗାଡ଼ି ପରଜଙ୍ଗ ଥାନା ଅନ୍ତର୍ଗତ ଆମ୍ବପଳାସ ଗ୍ରାମ ନିକଟରେ ଥିବା ସୂଚନା ପାଇଥିଲା। ବୁଧବାର ଟିପ୍ପରକୁ ଜବତ କରିଥିବା ଜଣାପଡ଼ିଛି।

## ବରୀ ବିଧାୟିକାଙ୍କ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ବରୀ, ୩।୪(ସମିସ):** ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆ ପଞ୍ଚାୟତର ମା' ଜାଗୁଳାଇଙ୍କ ପୀଠରୁ ବୁଧବାର ଦିନ ପୂଜାର୍ଚ୍ଚନା କରି ପୁଣିଥରେ ବରୀ ବିଧାୟିକା ସୁନନ୍ଦା ଦାସ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ସାଙ୍ଗକୁ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିବ ପାରିବ, ସେ ସମ୍ପର୍କରେ ବିଧାୟିକା ଶ୍ରୀମତୀ ଦାସ ଘରକୁ ଘର ବୁଲି ଲୋକଙ୍କୁ ଅବଗତ କରାଉଥିବା ଦେଖିବାକୁ ମିଳିଛି।

ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ବରୀ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ବରୀ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଯାଜପୁର ସାଂସଦଙ୍କ ପ୍ରତିନିଧି ପ୍ରଦୀପ ଘଡାଇ, ବାଲିଆ ସରପଞ୍ଚ ରେବତୀ ଜେନା, ସରପଞ୍ଚ ପ୍ରଭାତୀ ପଲେଇ, ଶଙ୍କର୍ଷଣ ସ୍ୱାଇଁ, ମାନସ ଯେନା, ହରପ୍ରିୟା ସାହୁ, ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ସବିତା ବେହେରା, ପ୍ରଜ୍ଞାପରମିତା ପରିଡ଼ା, ସମିତିସଭ୍ୟା ମାନସୀ ଦାସ, ଚିନ୍ତାମଣି ଜେନା, ସୁଧାଂଶୁବାଳା ସାମଲ ଓ ସ୍ମୃତିରଞ୍ଜନ ପରିଡ଼ାଙ୍କ ସମେତ ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ଅଭିନ୍ନ କୁମାର ଜେନା, ଯୁବ ନେତା ରତିରଞ୍ଜନ ଜେନା, ବିଜେଡିର ଆଗଧାଡିର କର୍ମୀ ହରିହର ପଣ୍ଡା, ବୀରେନ କୁମାର ସାହୁ, ସ୍ମୃତିରଞ୍ଜନ ଜେନା, ବିଜୟ କୁମାର ସାହୁଙ୍କ ସହିତ ବହୁ ସଂଖ୍ୟାରେ ବିଜେଡିର ଯୁବ ଛାତ୍ର ଓ ମହିଳା କର୍ମୀ ଯୋଗ ଦେଇଥିଲେ।

## କୁଆଖିଆ ମେଳଣ ଉଦ୍‌ଯାପିତ



**କୁଆଖିଆ, ୩।୪(ସମିସ):** ପୁରପଲ୍ଲୀରେ ପାଳିତ ହେଉଛି ରାଧାକୃଷ୍ଣଜୀଉ ମେଳଣ। ସବୁଠି ଆନନ୍ଦ ଉଲ୍ଲାସ। ଏହି କ୍ରମରେ ରସୁଲପୁର ବ୍ଲକର ୪୬ତମ ସର୍ବପୁରାତନ କୁଆଖିଆ ମେଳଣ ମହାସମାରୋହରେ ପାଳିତ ହୋଇଛି। ମଙ୍ଗଳବାର ରାତିରେ ଆରମ୍ଭ ହୋଇ ବୁଧବାର ଅପରାହ୍ନରେ ଏହା ଉଦଯାପିତ ହୋଇଛି। କୁଆଖିଆ ବଜାରର ଚତୁପାର୍ଶ୍ୱରେ ୩୨ଟି ବିମାନ ଦଣ୍ଡାୟମାନ ହୋଇ ଫଗୁ ଖେଳିଥିଲେ। ଠାକୁର ବାଡ଼ିଆଙ୍କ ପକ୍ଷରୁ ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ସାରଙ୍ଗପୁର ଗ୍ରାମର ଶ୍ରୀଶ୍ରୀ ରାଧା ମଦନମୋହନ ଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ପରେ ସମସ୍ତ ବିମାନ ସାରଙ୍ଗପୁର ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ଶାନ୍ତି କମିଟି ପକ୍ଷରୁ ସେମାନଙ୍କ ନିକଟରେ ଭୋଗ ଲାଗି କରିବା ପରେ ବିଦାୟ ଦିଆଯାଇଥିଲା। ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କୁଆଖିଆ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଏ ଉପଲକ୍ଷେ ସେବା ହିଁ ପରମ ଧର୍ମ ସମାଜସେବା ଅନୁଷ୍ଠାନର ସଭାପତି ସୌଭାଗ୍ୟ ବେହୁରାଙ୍କ ତତ୍ତ୍ୱାବଧାନରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଶ୍ରୀଧର ତ୍ରିପାଠୀ, କୋଷାଧ୍ୟକ୍ଷ ସତ୍ୟଜିତ ମଲ୍ଲିକ, ଉପଦେଷ୍ଟା ପ୍ରଦୀପ ସାମଲ, ରବୀନ୍ଦ୍ର କୁମାର ମିଶ୍ର, ବୃନ୍ଦାବନ ପଣ୍ଡା, ନୀଳମଣି ଲେଙ୍କାଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ଚକୁଆରେ ବଜରଙ୍ଗବାଲୀଙ୍କ ପ୍ରତିଷ୍ଠା ଉତ୍ସବ



**ଦାନଗଦି, ୩।୪(ସମିସ):** ଦାନଗଦି ବ୍ଲକ ଅଧୀନସ୍ଥ ଚକୁଆ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଜୟ ବଜାରଙ୍ଗବାଲୀଙ୍କ ଦଶମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ବଜରଙ୍ଗବାଲୀଙ୍କ ଏହି ଉତ୍ସବରେ କର୍ତ୍ତା ଭାବେ ଶିଶିର କୁମାର ଚକ୍ରବର୍ତ୍ତୀ ଓ କର୍ତ୍ତୀ ଭାବେ ଭାନୁମତି ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ପ୍ରଥମେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବିରାଟ କଳସ ଶୋଭାଯାତ୍ରା ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ପରେ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ଗୀତାପାଠ ଓ ଚଣ୍ଡୀପାଠ କରାଯାଇ ଯଜ୍ଞକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିସହ ପ୍ରତିବର୍ଷ ଭଳି ବିଶିଷ୍ଟ ଗାୟକଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଓ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ଦିନ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଚକୁଆ ଗ୍ରାମର ତପନ ଜେନା, ସନ୍ତୋଷ ଜେନା, ଧନଞ୍ଜୟ ଚକ୍ରବର୍ତ୍ତୀ, ବିଜୟ ଦଳାଇ, ଗୌରହରି ରାୟ, ଅମୁଲି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ପ୍ରସିଦ୍ଧ କଳ୍ପବଟ ମେଳଣ



**ବରୀ, ୩।୪(ସମିସ):** ବରୀ ବ୍ଲକ ଅନ୍ତର୍ଗତ ନାଥପୁରସ୍ଥ କଳ୍ପବଟ ମେଳଣ ପଡ଼ିଆରେ ମଙ୍ଗଳବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ୪୩ତମ କଳ୍ପବଟ ମେଳଣ ବୁଧବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ମେଳଣରେ ବହୁ ଛୋଟବଡ଼ ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିଙ୍କୁ ବସାଇ ମେଳଣ ପଡ଼ିଆକୁ ମହାଆଡ଼ମ୍ବରରେ ଭଜନ କୀର୍ତ୍ତନ ସହକାରେ ଆଣି ଆସ୍ଥାନରେ ଉପବେସନ କରାଇଥିଲେ। କମିଟିର ସଭାପତି ବଳରାମ ପଣ୍ଡା, ସମ୍ପାଦକ ଶ୍ୟାମସୁନ୍ଦର ଜେନା ଥାନପତି ବିମାନଙ୍କୁ ନିମନ୍ତ୍ରଣ ଜଣାଇବା ପରେ ସେ ପ୍ରଥମ ଚାରାରେ ବସିଥିଲେ। ଏହି ମେଳଣରେ ନାଥପୁରର ଅାଁଠୁଆ ଗୋପାଳ ଓ ରାଧାକୃଷ୍ଣ ବିମାନ ଦ୍ୱୟ ଥାନପତି ଆସନରେ ବସିଥିବାବେଳେ ଶଙ୍କରାକୂଳର ଗୋପୀନାଥଜୀଉ, ନୂଆଗାଁର ଗୋପୀନାଥଜୀଉ, କେନ୍ଦୁଆର ରାଧାମାଧବ, ପଣସିଆପାଳର ରାଧାକୃଷ୍ଣଜୀଉ ଓ ବାଲିଆପାଳର ରାଧାକୃଷ୍ଣ ଜୀଉ ଆଦି ବଡ଼ବିମାନ ସହ ବହୁ ସଂଖ୍ୟାରେ ଛୋଟ ଛୋଟ ରାଧାକୃଷ୍ଣ ବିମାନ ଯୋଗଦେଇ ହୋରି ଖେଳିଥିଲେ। ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ରାଧାକୃଷ୍ଣ ହୋଲି ଖେଳ ଦେଖିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ମେଳଣ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମେଳଣ କମିଟି ଉପସଭାପତି ବଟକୃଷ୍ଣ ସେଠୀ ଓ ଆକୁଳୀ ଚରଣ ମହାନ୍ତି, ସହସମ୍ପାଦକ ବିଜୟାନନ୍ଦ ଜେନା, କୋଷାଧ୍ୟକ୍ଷ ଭିକାରି ଚରଣ ଦାସ ଓ କମିଟିର ସମସ୍ତ ସଦସ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

## ପାଣିକୋଇଲି ମେଳଣ ପଡ଼ିଆ ସଫେଇ

**ପାଣିକୋଇଲି, ୩।୪(ସମିସ):** ଗତ ୧ ତାରିଖ ରାତିରେ ଆରମ୍ଭ ହୋଇଥିବା ପାଣିକୋଇଲି ମେଳଣ ଉତ୍ସବ ୨ ତାରିଖ ମଧ୍ୟାହ୍ନରେ ଉଦ୍‌ଯାପିତ ହୋଇଥିଲା। ହଜାର ହଜାର ସଂଖ୍ୟକ ଲୋକଙ୍କ ସମାଗମ ହୋଇଥିଲା। ସେମାନଙ୍କ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ଦୋକାନ, ଷ୍ଟଲ ଖୋଲାଯାଇଥିଲା। ମେଳଣ ସରିବା ପରେ ପାଣିକୋଇଲି ବଜାରର ପ୍ରାୟ ଅଞ୍ଚଳ ଅପରିଷ୍କାର ହୋଇଥିଲା। ଗତବର୍ଷ ଭଳି ଚଳିତ ବର୍ଷ ଅଶୋକ ଦାସ ଫାଉଣ୍ଡେସନର ସଚିବ ତଥା ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ବଜାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବିଜେଡି ନେତା ଅଶୋକ ପଣ୍ଡା, ପଥରପଦା ପଞ୍ଚାୟତ ବିଜେଡି ସଭାପତି ସନ୍ତୋଷ କୁମାର ବେହେରା, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ସ୍ୱପ୍ନାନନ୍ଦ ଦାସ, ସମିତିସଭ୍ୟା ପ୍ରତିନିଧି ଗଦାଧର ସାହୁ, ପାଣିକୋଇଲି ସମବାୟ ସମିତି ସମ୍ପାଦକ ସୁଦର୍ଶନ ପରିଡ଼ା, ଅଶୋକ କୁମାର ବେହେରା, ନକୁଳ ମହାକୁଡଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।

### ଗୋଷ୍ଠୀକନ୍ଦଳରୁ ବାହାରିପାରୁନି ଧର୍ମଶାଳା ବିଜେପି

# ଦ୍ୱିତୀୟ ଦିନରେ ହିମାଂଶୁ ସମର୍ଥକଙ୍କ ଧାରଣା

**ଧର୍ମଶାଳା, ୩।୪(ସମିସ)**

ଧର୍ମଶାଳା ବିଜେପି କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ସ୍ମୃତିରେଖା ପହିଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣାର କେଇ ଘଣ୍ଟା ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟ ଆଗରେ ଅନ୍ୟତମ ଆଶାୟୀ ହିମାଂଶୁ ଶେଖର ସାହୁଙ୍କ ହଜାର ହଜାର ସମର୍ଥକ ଟିକଟର ପୁନର୍ବିଚାର ଦାବି କରିଥିଲେ। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରାଜ୍ୟ ନେତୃବୃନ୍ଦଙ୍କ ଆଗରେ ଅସନ୍ତୋଷ ପ୍ରକାଶ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତକାଲି ରାତିଠାରୁ ସମର୍ଥକମାନେ ସେମିତି ଆଜି ରାତ୍ର ପର୍ଯ୍ୟନ୍ତ ବସି ରହିଛନ୍ତି। ହିମାଂଶୁଙ୍କୁ ଟିକେଟ ନ ଦେଲେ ଉଠିବେ ନାହିଁ। ହିମାଂଶୁଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ବାରମ୍ବାର ବୈଠକ ଚାଲିଥିବା ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ନିକଟକୁ ଏହା ଉପରେ ନିଷ୍ପତ୍ତି ନେବା ପାଇଁ ଛାଡି ଦିଆଯାଇଥିବା ବିଶେଷ ସୂତ୍ରରୁ ଜଣାଯାଇଛି। ସେପଟେ ସ୍ମୃତିରେଖା ଆଜି ବିରଜା ମନ୍ଦିରରୁ ପୂଜାର୍ଚ୍ଚନା କରି ଫେରିବା ପରେ ସମର୍ଥକମାନେ ତାଙ୍କୁ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ସ୍ମୃତିଙ୍କ ସମ୍ବର୍ଦ୍ଧନାରେ ଚାରି ଶହ କର୍ମୀ ଥିବାବେଳେ ହିମାଂଶୁଙ୍କ ପାଇଁ ଦଳୀୟ କାର୍ଯ୍ୟାଳୟରେ ଚାରି ହଜାର ସମର୍ଥକ ଡେରା ପକାଇଥିବା ଚର୍ଚ୍ଚା ହେଉଛି। ସେହିପରି ଆଜି ସନ୍ଧ୍ୟାରେ ସ୍ମୃତି ଅନ୍ୟତମ ଆଶାୟୀ ସର୍ବେଶ୍ୱର ବେହୁରାଙ୍କୁ ତାଙ୍କ ଘରେ ଭେଟି ସହଯୋଗ ଲୋଡ଼ିଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ସ୍ମୃତିରେଖା ସ୍ଥାନୀୟ ନିର୍ବାଚନ ମଣ୍ଡଳୀର କୌଣସି ଭୋଟର ନ ଥିବାବେଳେ ଦୁଇ ଦୁଇଥର ଏହି ନିର୍ବାଚନ ମଣ୍ଡଳୀରୁ ଟିକଟ ନେଇଛନ୍ତି। ୨୦୧୯ରେ କଂଗ୍ରେସରୁ ଓ ଏବେ ବିଜେପିରୁ। ତାଙ୍କ ପାଇଁ ଗତଥର କଂଗ୍ରେସର ଆଶାୟୀ କିଶନ ପଣ୍ଡା ବଳି ପଡ଼ିଥିଲେ। ଏଥର ବି ସମାନ ଅବସ୍ଥା। ତିନିବର୍ଷ ହେଲା ସ୍ମୃତି ବିଜେପିରେ ମିଶିବା ପରେ ସଂଗଠନ ବୃଦ୍ଧି ପାଇଁ ଯାହା କରିପାରି ନ ଥିଲେ, ମାତ୍ର ୪ ମାସ ମଧ୍ୟରେ ହିମାଂଶୁ ଦଳର ସଂଗଠନକୁ ବହୁ ଆଗକୁ ନେଇ ଯାଇଥିଲେ। ତାଙ୍କର ହାଇଟେକ୍ ନିର୍ବାଚନ ପ୍ରଚାର ଦେଖି ବିଜେଡି ପ୍ରାର୍ଥୀଙ୍କ ସହ ବିଗ୍ ଫାଇଟ କରିପାରିବେ ବୋଲି ଦଳମତ ନିର୍ବିଶେଷରେ ସମସ୍ତଙ୍କ ଆଶଙ୍କା ରହିଥିଲା। ସ୍ମୃତିଙ୍କ ଟିକେଟ ପଛରେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସୁପାରିସ ଥିବା ଚର୍ଚ୍ଚା ହେଉଛି। ୨୦୧୯ରେ କଂଗ୍ରେସ ନେତା କିଶନ ପଣ୍ଡା କଂଗ୍ରେସ ଟିକଟ ପାଇଥିଲେ କଂଗ୍ରେସ ଧର୍ମଶାଳାରେ ପୂର୍ବ ଅପେକ୍ଷା ଭଲ ସ୍ଥିତିରେ ଥାଆନ୍ତା। କିନ୍ତୁ ସ୍ମୃତି ପାଇବା ପରେ ଦୁଇବର୍ଷ ପରେ କଂଗ୍ରେସ ଛାଡି ବିଜେପି ଚାଲି ଯାଇଥିଲେ। ଏଥର ହିମାଂଶୁଙ୍କ ଟିକଟକୁ ଛଡାଇ ନେବାରେ ସମର୍ଥ ହେଲେ ସ୍ମୃତିରେଖା। ହିମାଂଶୁଙ୍କ ସହିତ ବିଜେପିର ସିଂହଭାଗ କର୍ମୀ ରହିଥିବାବେଳେ ସ୍ମୃତିରେଖା ହିମାଂଶୁଙ୍କ ବିନା ସମର୍ଥନରେ ନିର୍ବାଚନ ବୈତରଣୀ ପାରି ହେବେ ନା ସହଯୋଗ ଲୋଡ଼ିବେ, ତାକୁ ଅପେକ୍ଷା ରହିଛି। ଯଦି ହିମାଂଶୁ ନିଜେ ସ୍ୱାଧୀନ ପ୍ରାର୍ଥୀ ହୁଅନ୍ତି ଅଡୁଆରେ ପଡ଼ିବେ ସ୍ମୃତି, ଏହା ନିଃସନ୍ଦେହ।

